

R.N.I. No. : ODIODI/2009/29612

JUBA MORCHA

ଯୁବମୋର୍ଚ୍ଚା

www.jubamorcha.in

ପୃଷ୍ଠା- ୮

ଅକ୍ଟୋବର ୨୮ ରୁ ନଭେମ୍ବର ୩, ୨୦୨୪, ଭୁବନେଶ୍ୱର

October 28 to November 3, 2024, Bhubaneswar




# ବାତ୍ୟା 'ଦାନା' ପ୍ରଭାବିତ ଅଞ୍ଚଳରେ ସ୍କାଉଟସ୍ ଏବଂ ଗାଇଡସ୍‌ର ସେବାକାର୍ଯ୍ୟ

ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ) :ଗତ ୨୪ ତାରିଖ ଦିନ ପ୍ରଳୟଙ୍କାରୀ ଘୂର୍ଣ୍ଣି ବାତ୍ୟା "ଦାନା"ର ପ୍ରଭାବରେ କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ସ୍କାଉଟ ଓ ଗାଇଡ୍ ସଂସ୍ଥାର ଶତାଧିକ ରୋଭର ଓ ରେଞ୍ଜର ବିଭିନ୍ନ ଜିଲ୍ଲାରେ ସେମାନଙ୍କର ସେବା କାର୍ଯ୍ୟ ଜାରି ରଖିଛନ୍ତି । ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଏବଂ ଯାଜପୁର ଜିଲ୍ଲାରେ ରୋଭର ଓ ରେଞ୍ଜରମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଅନ୍ଧାର ଏବଂ ଅନାହାରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରିଥିଲେ । ସେହିପରି କେନ୍ଦ୍ରାପଡା ଜିଲ୍ଲାର "ଦାନା" ପ୍ରଭାବରେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ବଗପାଟିଆ ଗ୍ରାମରେ କେନ୍ଦ୍ରାପଡା ଜିଲ୍ଲାର ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ଉକ୍ତ ଅଞ୍ଚଳରେ ଘରକୁ ଘର ବୁଲି ଚୁଡା, ଗୁଡ, ବିସ୍କୁଟ, ମହମବତୀ ଏବଂ ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଲୋକମାନଙ୍କୁ ବଣ୍ଟନ କରିଥିଲେ । ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବରେ ରାସ୍ତା ଅବରୋଧ କରୁଥିବା ଭଙ୍ଗା ଗଛ ଡାଳ, ବିଦ୍ୟୁତ ଖୁଣ୍ଟ ଆଦିକୁ ଉଠାଇ ରାସ୍ତା ପରିଷ୍କାର କରିବା କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବିତ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ସ୍କାଉଟ ଓ ଗାଇଡ୍‌ମାନେ ନିଜ ନିଜ ଅଞ୍ଚଳରେ ଅନୁରୂପ କାର୍ଯ୍ୟରେ ନିୟୋଜିତ ହୋଇରହିଛନ୍ତି ।






# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଏକତା ଦିବସ ପାଳନ

**ପାରାଦୀପ, (ସୁମନ୍ତ ସ୍ୱାଇଁ) :** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜନ୍ମ ଦିବସ ଅବସରରେ ସାରା ଦେଶରେ ଜାତୀୟ ଏକତା ଦିବସ ପାଳନ କରାଯାଉଅଛି । ଅକ୍ଟୋବର ମାସ ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମ ଗ୍ରହଣ କରିଥିଲେ । ଚଳିତ ବର୍ଷ ଦୀପାବଳୀ ପର୍ବ ପାଳନ ହେଉଥିବାରୁ ଅକ୍ଟୋବର ମାସ ୨୯ ତାରିଖରେ ଏକତା ପାଇଁ ଗଣ ଦୌଡ ଆୟୋଜନ କରିବାକୁ ମାନନୀୟ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ସେଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ଏକତା ପାଇଁ ଗଣ ଦୌଡ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶର ଅଖଣ୍ଡତା, ସୁରକ୍ଷା ଓ ଦୂରଦୃଷ୍ଟି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଏହି ଗଣଦୌଡରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ସମେତ ବନ୍ଦର ଅଧିକାରୀ, କର୍ମଚାରୀ, ସିଆଇଏସଏଫ, ପାରାଦୀପ ମହାବିଦ୍ୟାଳୟ ଓ ମେରିଟାଇମ୍ ଏକାଡେମୀ ଛାତ୍ରମାନଙ୍କ ସମେତ ଗୋପବନ୍ଧୁ ଷ୍ଟାଡିୟମର କ୍ରୀଡାବିତମାନେ ସାମିଲ ହୋଇଥିଲେ ।



# ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧୁତାର ଶପଥ ପାଠ

**କଟକ, (ରବିନ୍ଦ୍ରନାଥ ପାଢୀ) :** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧୁତାର ଶପଥ ପାଠ କରିଛନ୍ତି । ଓସ୍ୱାନ ହଲଠାରେ ଆଭାସି ମାଧ୍ୟମରେ ସିଧା ପ୍ରସାରଣରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡା ଦିବ୍ୟଲୋଚନ ମହାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ଷ୍ଟାଫ କମିଟିର ସଦସ୍ୟ/ସଦସ୍ୟା ପ୍ରମୁଖ ଯୋଗଦେଇ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରିଥିଲେ ।






## ଶୁଭେଚ୍ଛା



ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ 'ଯୁବମୋର୍ଚ୍ଚା'ର ସମସ୍ତ ପାଠକ/ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



ଜଗନ୍ନାଥ ଖୁଣ୍ଟିଆ

ସଂପାଦକ

'ଯୁବମୋର୍ଚ୍ଚା' ଓଡ଼ିଆ ସମ୍ବାଦପତ୍ର



ଆଲୋକର ପର୍ବ ଦୀପାବଳି ଓ କାଳୀପୂଜା ଅବସରରେ ଜଟଣୀ ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

## ଅଭିନନ୍ଦନ





ସୁଜିତ କୁମାର ବଳବନ୍ତ ରାୟ

ସମାଜସେବୀ



Printed, Published and Owned by **Smt. Tilottama Nayak**, Printed at Mayur Offset Printers, D-1/1, Sector-A, Zone-D, Mancheswar Industrial Estate, Bhubaneswar- 751010, Dist- Khurda (Odisha), Published from 1502/A, Tarasundari Lane, Old Town, Bhubaneswar - 751002, **Mob- 8280086863, 9437412211, E-mail- jubamorcha@gmail.com**

**Editor : Jagannath Khuntia** | M- 7978223276 | ସମ୍ପାଦକ : ଜଗନ୍ନାଥ ଖୁଣ୍ଟିଆ | ମୋବାଇଲ : ୭୯୭୮୨୨୩୨୭୬